**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**16 June– 2026**

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଶନିବାର ଦିନ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ରାଜ୍ୟସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲା ଦାଣ୍ଡବୋଷଠାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ । ତେବେ ଏହାପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗାଁ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସୁଛନ୍ତି ।

# ପ୍ରଧାନମନ୍ତ୍ରୀ-ସ୍ଲୋଭାକିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ଲୋଭାକିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ଦ ଅର୍ଡରଅଫ୍ ଦ ହ୍ୱାଇଟ୍ ଡବଲ କ୍ରସ୍ ଫାଷ୍ଟକ୍ଲାସ୍‌ରେ ସମ୍ମାନିତ କରାଇଛନ୍ତି । ସ୍ଲୋଭାକିଆ ଗସ୍ତ ଅବସରରେ ଶ୍ରୀମୋଦୀଙ୍କୁ ରାଷ୍ଟ୍ରପତି ପିଟର ପେଲେଗ୍ରୀନି ଏହି ସମ୍ମାନ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମ୍ମାନ ପାଇଁ ସ୍ଲୋଭାକିଆର ଶୀର୍ଷ ନେତୃତ୍ୱ ଏବଂ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ସମ୍ମାନ ୧୪୦ କୋଟି ଭାରତୀୟଙ୍କର ଏବଂ ଦୁଇଦେଶ ମଧ୍ୟରେ ଦୃଢ଼ ବନ୍ଧୁତ୍ୱର ଏକ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ବର୍ଣ୍ଣନା କରିଛନ୍ତି ।

# ମୁଖ୍ୟମନ୍ତ୍ରୀ-ଧାମ

ପୁରୀ ଶ୍ରୀମନ୍ଦିରର ଶାସ୍ତ୍ରୀୟ ପରମ୍ପରା ଓ ମହାପ୍ରଭୁଙ୍କ ମର୍ଯ୍ୟାଦା ରକ୍ଷା ପାଇଁ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପୁରୀ ଟାଉନ୍‌ହଲ ଠାରେ ଗତକାଲି ଅନୁଷ୍ଠିତ ଏକ ନାଗରିକ ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ଶ୍ରୀ ମାଝି ଦୀଘା ଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ପ୍ରତ୍ୟାହାର କରି ସ୍ୱାଗତ କରିଛନ୍ତି । ଏହି ଶବ୍ଦର ବ୍ୟବହାର ଆଧ୍ୟାତ୍ମିକତା ପ୍ରତି କୁଠାରାଘାତ ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଦୀଘା ଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ପ୍ରତ୍ୟାହାର ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା ।

# ବିଜେପି ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭଦ୍ରକ ଶହୀଦ ସ୍ମୃତି ଭବନ ଟାଉନ୍‌ହଲଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏଥିରେ ଯୋଗଦେଇ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିକାଶର ଧାରା ଶୀର୍ଷକ ପ୍ରଦର୍ଶନୀକୁ ଶ୍ରୀମତୀ ପରିଡ଼ା ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ତଥା ବିଜେପି ରାଜ୍ୟଶାଖା

ସଭାପତି ମନମୋହନ ସାମଲ, ଅଭିମନ୍ୟୁ ସେଠୀ ଏବଂ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଏସ୍ଆଇଆର୍

ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଏସ୍ଆଇଆର୍ ପ୍ରକ୍ରିୟାରେ ଗତକାଲି ସୁଦ୍ଧା ୯୯ ଦଶମିକ ୧/୪ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ କରାଯାଇ ସାରିଛି ।ଏପର୍ଯ୍ୟନ୍ତ ୪୨ ଦଶମିକ ୮/୬ ପ୍ରତିଶତ ଅର୍ଥାତ୍ ୧ କୋଟି ୪୩ଲକ୍ଷ ୧୬ହଜାର ୨୯ଜଣ ଭୋଟରଙ୍କର ଡିଜିଟାଇଜେସନ କରାଯାଇସାରିଛି । ଆସନ୍ତା ୨୮ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଡିଜିଟାଇଜେସନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## କ୍ଷେପଣାସ୍ତ୍ର ପରୀକ୍ଷଣ

ଭଦ୍ରକ ଜିଲ୍ଲା ଧାମରାର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଗତକାଲି ଦୂରଗାମୀ କ୍ରୁଜ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ ଦେଇଥିବା ସୂଚନା ଅନୁଯାୟୀ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ର ବିଭିନ୍ନ ସ୍ତରରେ ପରୀକ୍ଷଣକୁ ସଫଳତାର ସହ ସମ୍ପନ୍ନ କରିଛି । ପରୀକ୍ଷଣ

ସମୟରେ ଡିଆରଡିଓ, ଭାରତୀୟ ନୌସେନା ଓ ବାୟୁସେନାର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

## ୟୁପିଏସ୍‌ସି ପରୀକ୍ଷା ଫଳାଫଳ

ଚଳିତବର୍ଷର ସିଭିଲ୍ ସର୍ଭିସେସ୍ ପ୍ରିଲିମିନାରୀ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି । କେନ୍ଦ୍ରୀୟ ଲୋକସେବା ଆୟୋଗ ୟୁପିଏସ୍‌ସି ଦେଇଥିବା ସୂଚନା ଅନୁଯାୟୀ ୧୩ ହଜାରରୁ ଅଧିକ ପ୍ରାର୍ଥୀ ମୁଖ୍ୟ ପରୀକ୍ଷା ପାଇଁ ମନୋନୀତ ହୋଇଛନ୍ତି । ୟୁପିଏସ୍‌ସିର ସରକାରୀ ୱେବ୍‌ସାଇଟ୍ **upsc.gov.in** ରେ ପରୀକ୍ଷା ଫଳ ଅପ୍‌ଲୋଡ କରାଯାଇଛି । ପରୀକ୍ଷାର୍ଥୀ ଡାଉନ୍‌ଲୋଡ କରି ଏ ସମ୍ପର୍କିତ ସୂଚନା ପାଇପାରିବେ ବୋଲି ୟୁପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି ।

## ନିଟ୍-ୟୁଜି ପରୀକ୍ଷା

ସୁରକ୍ଷିତ ନିଟ୍-ୟୁଜି ପୁନଃ ପରୀକ୍ଷା ଏବଂ ପରିଚାଳନାଗତ ପ୍ରସ୍ତୁତି ନେଇ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରୀକ୍ଷା କେନ୍ଦ୍ରରେ ମୌଳିକ ସୁବିଧାସୁଯୋଗ ଏବଂ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ନେଇ ବୈଠକରେ ଶ୍ରୀ ମୋହନ ସମୀକ୍ଷା କରିଛନ୍ତି । ଛାତ୍ରଛାତ୍ରୀଙ୍କ ଯାତ୍ରାକୁ ସୁ-ବ୍ୟବସ୍ଥିତ କରିବା ଏବଂ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ମାର୍ଗଦର୍ଶିକାର ଦୃଢ଼ ଅନୁପାଳନ ଉପରେ

ଶ୍ରୀ ମୋହନ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ପରାମର୍ଶ ଦେଇଛନ୍ତି ।

## ରଜପର୍ବ

ରାଜ୍ୟର କୃଷିଭିତ୍ତିକ ରଜପର୍ବର ତୃତୀୟ ଦିନରେ ଆଜି ଭୂମିଦହନ ପାଳନ କରାଯାଉଛି । ଆସନ୍ତାକାଲି ବସୁମତି ସ୍ନାନ ସହ ରଜ ପର୍ବ ଶେଷ ହେବ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ରଜପର୍ବ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଥିବାବେଳେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଛି ।

## ଲିଙ୍କ ଟ୍ରେନ୍ ବାତିଲ

ଲିଙ୍କ ଟ୍ରେନ୍ ବିଳମ୍ବ ଯୋଗୁଁ ଆଜି ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ ଉଭୟପଟୁ ଚଳାଚଳକୁ ବାତିଲ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଯାତ୍ରୀଙ୍କୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଏଲ୍‌ନିନୋ ପ୍ରଭାବ

ଏଲ୍‌ନିନୋ ପ୍ରଭାବକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରେ ଗତକାଲି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା

ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏଲ୍‌ନିନୋ ପ୍ରଭାବରେ ବର୍ଷାର ସ୍ଥିତି, ଜଳଭଣ୍ଡାରର ଜଳସ୍ତର, କୃଷି କାର୍ଯ୍ୟକଳାପ ଏବଂ ଜଳସମ୍ପଦର ନିରନ୍ତର ସମୀକ୍ଷା କରି ଆବଶ୍ୟକ ପୂର୍ବ ପ୍ରସ୍ତୁତି ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ।

## ପାଣିପାଗ

ପାଗ ଅନୁକୂଳ ଥିବାରୁ ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ରାଜ୍ୟର ଆଉ କେତେକ ଅଞ୍ଚଳକୁ ଗତକାଲି ସ୍ପର୍ଶ କରିଛି । ତେବେ ଆସନ୍ତା ୫ ଦିନ ମଧ୍ୟରେ ଅନ୍ୟ ଜିଲ୍ଲାଗୁଡ଼ିକୁ ସ୍ପର୍ଶ କରିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି । ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିପାରେ । ଗତକାଲି ରାଜ୍ୟର ସର୍ବାଧିକ ଦିନ ତାପମାତ୍ରା ୪୨ ଦଶମିକ ୫ ଡିଗ୍ରୀ ସେଲସିୟସ ବୌଦ୍ଧଠାରେ ରେକର୍ଡ କରାଯାଇଛି ।